# NATIONAL NEWS BULLETIN (ODIA)

## 14 February-2025

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଭାରତ-ଆମେରିକା ରଣନୈତିକ ସହଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଆମେରିକା ରାଷ୍ଟ୍ରପତିଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।
- ସଂସଦର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶେଷ । ମାର୍ଚ୍ଚ ୧୦ ତାରିଖରୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ।
- ମହାକୁମ୍ଭରେ କୁମ୍ଭବାଣୀ ରେଡ଼ିଓ କେନ୍ଦ୍ର ପରିଦର୍ଶନ କଲେ ପ୍ରସାରଭାରତୀ ଅଧ୍ୟକ୍ଷ ।
- ଆନ୍ତର୍ଜାତିକ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ବିଶ୍ୱର ସବୁଠାରୁ ଦୁର୍ନୀତିଗ୍ରସ୍ତ ଦେଶ ।

ଏବଂ

- ୩୮ତମ ଜାତୀୟ କ୍ରୀଡ଼ାର ଆଜି ଉଦ୍ଯାପନ ସମାରୋହରେ ଯୋଗଦେବେ ସ୍ୱରାଷ୍ଟ୍ରମନ୍ତ୍ରୀ ।

# ପିଏମ୍-ୟୁଏସ୍ ଭିଜିଟ୍

ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ୍ୱାଶିଂଟନ୍ ଡିସିର ହ୍ୱାଇଟ୍‌ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ସେ ଏବଂ ଟ୍ରମ୍ପ ଭାରତ-ଆମେରିକା ରଣନୈତିକ ସହଯୋଗକୁ ଆଗକୁ ନେବାଲାଗି ଉଦ୍ୟମ ଜାରି ରଖିବେ । ପ୍ରଧାନମନ୍ତ୍ରୀ କହିଛନ୍ତି ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ଼ କରିବା କ୍ଷେତ୍ରରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଟେକ୍ସାସ୍‌ରେ ହାଉଡି ମୋଦୀ ଏବଂ ଗୁଜୁରାଟରେ ନମସ୍ତେ ଟ୍ରମ୍ପ କାର୍ଯ୍ୟକ୍ରମକୁ ସ୍ମରଣ କରିଛନ୍ତି । ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ବିଜୟଲାଗି ଟ୍ରମ୍ପଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ଉଭୟ ନେତା ଦୁଇଦେଶର ବିକାଶ ଓ ସମୃଦ୍ଧି ନିମନ୍ତେ ମିଳିତଭାବେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି । ଆଲୋଚନା ପରେ ଶ୍ରୀ ମୋଦୀ କହିଛନ୍ତି ଏବେର ସମୟ ଯୁଦ୍ଧ ପାଇଁ ନୁହେଁ ବରଂ କୂଟନୀତି ଜରିଆରେ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି ।

ଆମେରିକା ରାଷ୍ଟ୍ରପତି ଶାନ୍ତି ସ୍ଥାପନ ନିମନ୍ତେ ନେଇଥିବା ପଦକ୍ଷେପ ଯୋଗୁଁ ପ୍ରଧାନମନ୍ତ୍ରୀ ମୋଦୀ ସନ୍ତୋଷବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଏଭଳି କ୍ଷେତ୍ରରେ ବିଶ୍ୱ ଭାରତକୁ ଏକ ନିରପେକ୍ଷ ଦେଶ ଭାବେ ପରିଗଣିତ

କରୁଛି କିନ୍ତୁ ଭାରତ ନିରପେକ୍ଷ ନୁହେଁ ବରଂ ଏହା ଶାନ୍ତିର ପକ୍ଷରେ ରହିଛି ।

ଏହି ଅବସରରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶ୍ରୀ ମୋଦୀଙ୍କୁ ଜଣେ ମହାନ୍ ନେତାଭାବେ ଅଭିହିତ କରିବା ସହ ସେ ତାଙ୍କ ଦୀର୍ଘଦିନର ବନ୍ଧୁ ବୋଲି କହିଛନ୍ତି । ଭାରତ' ଆମେରିକା ଠାରୁ ତୈଳ ଏବଂ ଗ୍ୟାସ୍ କ୍ରୟ କରିବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ରାଷ୍ଟ୍ରପତି ଭାବେ ଦ୍ୱିତୀୟଥର ଲାଗି ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହା ହେଉଛି ପ୍ରଥମ ଆମେରିକା ଗସ୍ତ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ-ଆମେରିକୀୟ ଉଦ୍ୟୋଗୀ ତଥା ରିପବ୍ଲିକାନ୍ ନେତା ବିବେକ ରାମସ୍ୱାମୀଙ୍କ ସହ ସାକ୍ଷାତ୍ କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଉଭୟ ନେତା ଭାରତ-ଆମେରିକା ସମ୍ପର୍କ, ନବସୃଜନ, ବାୟୋ ଟେକ୍ନୋଲୋଜି ଏବଂ ଉଦ୍ୟୋଗ ଆଦି ସମ୍ପର୍କରେ ଆଲୋଚନା କରିଥିଲେ ।

## ସଂସଦ ମୁଲତବୀ

ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଗତକାଲି ଶେଷ ହୋଇଛି । ଗତମାସ ୩୧ ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ ଓ ଅନ୍ୟକେତେକ ଆନୁଷଙ୍ଗିକ କାର୍ଯ୍ୟ କରାଯାଇଥିଲା । ଉଭୟ ଗୃହକୁ ଆସନ୍ତା ମାସ ୧୦ ତାରିଖ ପର୍ଯ୍ୟନ୍ତ

ମୁଲତବୀ ଘୋଷଣା କରାଯାଇଛି । ସେହିଦିନ ସଂସଦର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଗତକାଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଅଧିବେଶନର ଏହି ପ୍ରଥମ ପର୍ଯ୍ୟାୟରେ ୧୧୨ ପ୍ରତିଶତ କାର୍ଯ୍ୟ ସଫଳତା ହାସଲ ହୋଇଛି । ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ୧୭୭ ଜଣ ସଦସ୍ୟ ୧୭ ଘଣ୍ଟାରୁ ଅଧିକ ସମୟ ଧରି ଅଂଶଗ୍ରହଣ କରିଥିଲେ ବୋଲି ଶ୍ରୀ ବିର୍ଲା ଗୃହରେ ସୂଚନା ଦେଇଛନ୍ତି ।

ସେହିଭଳି ୨୦୨୫-୨୬ ସାଧାରଣ ବଜେଟ୍ ଆଲୋଚନାରେ ୧୭୦ ଜଣ ସଦସ୍ୟ ସେମାନଙ୍କର ମତବିନିମୟ କରିଥିଲେ । ଓ୍ୱାକଫ୍ ସଂଶୋଧନ ବିଲ୍ ୨୦୨୪ ସଂକ୍ରାନ୍ତ ଯୁଗ୍ମ ସଂସଦୀୟ କମିଟି ରିପୋର୍ଟ ଗୃହରେ ଉପସ୍ଥାପିତ କରାଯାଇଛି ବୋଲି ଶ୍ରୀ ବିର୍ଲା କହିଛନ୍ତି ।

## ମହାକୁମ୍ଭ-ନବନୀତ ସେହଗଲ

ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ ସେହଗଲ କହିଛନ୍ତି କୁମ୍ଭବାଣୀ କେନ୍ଦ୍ର ମହାକୁମ୍ଭର ସମସ୍ତ ସୂଚନା ପ୍ରଦାନ କରି ଏହାର ଉଦ୍ଦେଶ୍ୟକୁ ପ୍ରତିଫଳିତ କରୁଛି । ଗତକାଲି ସଙ୍ଗମରେ ପବିତ୍ର ସ୍ନାନ କରିବା ପରେ ସେ କୁମ୍ଭବାଣୀ ରେଡ଼ିଓ ଷ୍ଟେସନରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ । ଶ୍ରୀ ସେହଗଲ ମହାକୁମ୍ଭ ଷ୍ଟେସନକୁ ପ୍ରଶଂସା କରିବା ସହ

ସିଧା ପ୍ରସାରଣ ଓ ସମ୍ପୂର୍ଣ୍ଣ କଭରେଜ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଉଭା ହୋଇଛି ବୋଲି କହିଥିଲେ ।

## V/o-

ଶ୍ରୀ ସେହଗଲ ନୈନି ଅରେଲ ସଙ୍ଗମ ସେକ୍ଟର-୪ରେ ନିର୍ମିତ ଆକାଶବାଣୀ ଓ ଦୂରଦର୍ଶନ ଷ୍ଟୁଡିଓ ପରିଦର୍ଶନ କରି ପ୍ରସାରଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ସେ କହିଥିଲେ କୁମ୍ଭବାଣୀ, ଦୂରଦର୍ଶନ ଏବଂ ୱେବ୍‌ସ ଓଟିଟି ମାଧ୍ୟମରେ ଆକାଶବାଣୀ ୭୫କୋଟି ୧୦୦କୋଟି ଲୋକଙ୍କ ପାଖରେ ପହଞ୍ଚି ପାରିଛି । ଭବିଷ୍ୟତରେ ଏହିଭଳି ଅଭିଯାନ ଜାରି ରହିବ ବୋଲି ଶ୍ରୀ ସେହଗଲ କହିଛନ୍ତି । ସୂଚନା ଯୋଗାଯୋଗକୁ ନିରବଚ୍ଛିନ୍ନ ରଖିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣାଇବା ଉପରେ ଶ୍ରୀ ସେହଗଲ ଗୁରୁତ୍ୱାରୋପ କରିଛନ୍ତି ।

# ମହାକୁମ୍ଭ ପ୍ରୋମିନେଟ୍ ଡିଭୋର୍ଟି

ପ୍ରୟାଗରାଜର ମହାକୁମ୍ଭ ତ୍ରିବେଣୀ ସଙ୍ଗମରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ପବିତ୍ର ସ୍ନାନ କରୁଛନ୍ତି । ଏପର୍ଯ୍ୟନ୍ତ ଅଣଚାଶ କୋଟିରୁ ଅଧିକ ଶ୍ରଦ୍ଧାଳୁ ସଙ୍ଗମରେ ସ୍ନାନ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଏଥିରେ ସାଧୁସନ୍ଥ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଛନ୍ତି । ଛତିଶଗଡ ରାଜ୍ୟପାଳ ରମଣ ଡେକା ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ

ଦେଓ ସାଏ ଓ ତାଙ୍କ ମନ୍ତ୍ରିମଣ୍ଡଳ, ଛତିଶଗଡ ବିଧାନସଭା ବାଚସ୍ପତି ରମଣ ସିଂହ ପ୍ରମୁଖ ପବିତ୍ର ସ୍ନାନ କରିଥିଲେ ।

ତ୍ରିପୁରା ମୁଖ୍ୟମନ୍ତ୍ରୀ ଡକ୍ଟର ମାଣିକ ଶାହା ମଧ୍ୟ ପବିତ୍ର ସଙ୍ଗମରେ ସ୍ନାନ କରିଛନ୍ତି । ସେ କହିଛନ୍ତି ସେହିସ୍ଥାନର ପବିତ୍ର ଜଳରେ ସ୍ନାନ କରିବା ଏକ ଦିବ୍ୟ ଅନୁଭୂତି ପ୍ରଦାନ କରିଛି । କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସଙ୍ଗମରେ ସ୍ନାନ କରି କହିଛନ୍ତି ମହାକୁମ୍ଭରେ ଦିବ୍ୟ ଅନୁଭୂତି ଲାଭ କରିବା ପାଇଁ ସାରାବିଶ୍ୱରୁ ଲୋକମାନେ ସେଠାକୁ ଆସୁଛନ୍ତି । ବରିଷ୍ଠ କଂଗ୍ରେସ ନେତା ସଚିନ ପାଇଲଟ ମହାକୁମ୍ଭରେ ସ୍ନାନ କରିଛନ୍ତି । ଏହାଛଡା ବିଭିନ୍ନ ରାଜ୍ୟର ମନ୍ତ୍ରୀ, ସରକାରୀ ଅଧିକାରୀ, ଅଭିନେତା ଭିକି କୌଶଲ, ବିବେକ ଓବରାଏ ଓ ପୁନୀତ ଇଶାର ପ୍ରମୁଖ ମହାକୁମ୍ଭରେ ସ୍ନାନ କରିଛନ୍ତି ।

## କରପ୍ଟ ପାକିସ୍ତାନ

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ ବିଶ୍ୱର ସବୁଠାରୁ ଦୁର୍ନୀତିଗ୍ରସ୍ତ ଦେଶ ଭାବେ ପାକିସ୍ତାନକୁ ନାମିତ କରାଯାଇଛି । ସେଠାରେ ସରକାର, ନ୍ୟାୟପାଳିକା ଏବଂ ସାଧାରଣ କ୍ଷେତ୍ରରେ ଦୁର୍ନୀତି ବ୍ୟାପିଥିବା ରିପୋର୍ଟରେ ଦର୍ଶାଯାଇଛି । ଚଳିତ ସପ୍ତାହର ପ୍ରାରମ୍ଭରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୪ରେ ଦୁର୍ନୀତି ସୂଚକାଙ୍କରେ ୧୮୦ଟି ଦେଶ ମଧ୍ୟରୁ ପାକିସ୍ତାନ ୧୩୫ତମ ସ୍ଥାନରେ ରହିଛି ।

୨୦୨୨ ମସିହାରେ ପାକିସ୍ତାନ ନିର୍ବାଚନ ଆୟୋଗ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଅଯୋଗ୍ୟ ଘୋଷଣା କରିବା ସହ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ୨ବର୍ଷ ପରେ ସରିଫ୍‌ଙ୍କ ସରକାର ମଧ୍ୟ ସମାନ ଦୁର୍ନୀତି ଅଭିଯୋଗର ଏବେ ସମ୍ମୁଖୀନ ହେଉଛନ୍ତି ।

ଦୁର୍ନୀତି ଯୋଗୁଁ ପାକିସ୍ତାନରେ ଘୋର ଅର୍ଥନୈତିକ ସଙ୍କଟ ଦେଖାଦେଇଛି । ମୁଦ୍ରାସ୍ଫୀତି ବୃଦ୍ଧି ପାଉଥିବାରୁ ସେଠାକାର ନାଗରିକମାନଙ୍କୁ ସ୍ୱାସ୍ଥ୍ୟସେବା ସମେତ ମୌଳିକ ଆବଶ୍ୟକତା ପୂରଣ କରିବା ଲାଗି ଅସମର୍ଥ ହେଉଥିବା ରିପୋର୍ଟରେ କୁହାଯାଇଛି । ପାକିସ୍ତାନ ଆନ୍ତର୍ଜାତୀୟ ସଂଗଠନ ଏବଂ ବନ୍ଧୁରାଷ୍ଟ୍ର ଗୁଡ଼ିକଠାରୁ ଋଣ ଆଣି ଅର୍ଥନୀତି ପରିଚାଳନା କରୁଥିବା ଜଣାପଡିଛି ।

## ଇଣ୍ଡିଆ-ସ୍ୱିଜରଲ୍ୟାଣ୍ଡ ଆଡଭାଇସ୍

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ତନ୍ମୟ ଲାଲ ଏବଂ ସ୍ୱିଜରଲ୍ୟାଣ୍ଡର ବୈଦେଶିକ ମନ୍ତ୍ରୀ ଆଲେକଜାଣ୍ଡାର ଫାସେଲଙ୍କ ମଧ୍ୟରେ ବାର୍ଷିକ ଦ୍ୱିପାକ୍ଷିକ ଆଲୋଚନା ଅନ୍ତର୍ଗତ ତ୍ରୟୋଦଶ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ପର୍କ, ପରିବେଶ ଆହ୍ୱାନ ଏବଂ ଆଞ୍ଚଳିକ ଓ ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ୨୦୨୪ ମସିହାରେ ଭାରତ ଏବଂ ୟୁରୋପୀୟ

ମୁକ୍ତ ବାଣିଜ୍ୟ ସଂଘ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଉଭୟ ଦେଶ ମଧ୍ୟରେ ରଣନୈତିକ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲାଗି ଉଭୟ ଦେଶ ରାଜି ହୋଇଛନ୍ତି ।

## ନ୍ୟାସନାଲ ଗେମ୍ସ କ୍ଲୋଜିଂ

୩୮ତମ ଜାତୀୟ କ୍ରୀଡ଼ା ଆଜି ଉଦ୍‌ଯାପନ ହେବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ହଲଦ୍ୱାନିରେ ଆୟୋଜିତ ହେବାକୁ ଥିବା ସମାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ଗତମାସ ୨୮ ତାରିଖରେ ଡେରାଡୁନ୍‌ର ମହାରଣା ପ୍ରତାପ କ୍ରୀଡ଼ା ମହାବିଦ୍ୟାଳୟରେ ଆୟୋଜିତ ଜାତୀୟ କ୍ରୀଡ଼ାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ । ୩୮ତମ ଜାତୀୟ କ୍ରୀଡ଼ାରେ ୩୫ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଡେରାଡୁନ୍ ସମେତ ହଲଦ୍ୱାନି, ହରିଦ୍ୱାର ଓ ରୁଦ୍ରପୁର ସହରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏଥିରେ ୨୮ଟି ରାଜ୍ୟ, ୮ଟି କେନ୍ଦ୍ରଶାସିତ ଅଞ୍ଚଳ ଓ ସର୍ଭିସେସ୍ ସ୍ପୋର୍ଟ୍‌ସ କଣ୍ଟ୍ରୋଲ ବୋର୍ଡ ଭାଗ ନେଇଥିଲେ । ପଦକ ତାଲିକାରେ ସର୍ଭିସେସ୍ କଣ୍ଟ୍ରୋଲ ବୋର୍ଡ ସର୍ବାଧିକ ୬୭ଟି ସ୍ୱର୍ଣ୍ଣପଦକ ସହ ୧୨୦ଟି ପଦକ ହାସଲ କରିଥିବାବେଳେ ମହାରାଷ୍ଟ୍ର ୫୩ଟି ସ୍ୱର୍ଣ୍ଣ ସହ ୧୯୫ଟି ପଦକ ହାସଲ କରିଛି । ଓଡ଼ିଶାର ଖେଳାଳିମାନେ ୧୪ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୧୭ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ଆଜି ଅପରାହ୍ଣ ୨ଟାରେ ହଲଦ୍ୱାନିର ଅର୍ନ୍ତଜାତୀୟ କ୍ରୀଡ଼ା ପରିସରରେ ସମାପନୀ ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ଅମିତ ଶାହାଙ୍କ ବ୍ୟତୀତ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଉପସ୍ଥିତ ରହିବେ ।